ପ୍ରେସ୍‌ନୋଟ୍

# ବିଶ୍ୱ ଏଡସ ଦିବସ ଅବସରରେ ସଚେତନତା ରଥର ଶୁଭାରମ୍ଭ ।

## ଚଳିତ ବର୍ଷର ବାର୍ତ୍ତା "ବିଶ୍ୱ ଏକତା, ଦାୟିତ୍ୱର ସହଭାଗିତା"

ଅନୁଗୋଳ, ତା,୦୧.୧୨:- ମହାମାରୀ ଏଚ୍ ଆଇ ଭି ଓ ଏଡସ୍‌ର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ ହେଉଛି ବିଶ୍ୱ ଏଡସ୍ ଦିବସ । ଏହି ଅବସରରେ ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ବାହାରିଥିବା ଏକ ସଚେତନତା ରଥକୁ ଅନୁଗୋଳ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି । ଏହି ରଥ ଜିଲ୍ଲାର ୫ଟି ବ୍ଲକ ପରିକ୍ରମା କରି ଜନସାଧାରଣଙ୍କୁ ଏଡସ ଓ ଏଚ୍ ଆଇ ଭି ରୋଗର ଭୟାବହତା ସମ୍ପର୍କରେ ସଚେତନ କରିବ । ଏହି ଉପଲକ୍ଷେ ଜେ ଏସ ପି ଏଲ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡସ ପ୍ରତିକାର ଓ ନିୟନ୍ତ୍ରଣ ୟୁନିଟର ସହଭାଗିତାରେ ଏକ ସ୍ୱାକ୍ଷର ଅଭିଯାନ ଆରମ୍ଭ ହୋଇଛି । ସଂଯମତା,ସଚେତନତା ଓ ସତର୍କତା ଅବଲମ୍ବନ ଦ୍ୱାରା ଏଡସ ରୋଗକୁ ପ୍ରତିହତ କରାଯାଇ ପାରିବ ବୋଲି ଜିଲ୍ଲାପାଳ ଏହି ସ୍ୱାକ୍ଷର ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି । ସଚେତନତା ରଥ ଜିଲ୍ଲାର ବିଭିନ୍ନ ଅଂଚଳରେ ସଫଳତାର ସହ ବିଭିନ୍ନ ଏଡସ୍ ନିରାକରଣ ଓ ନିୟନ୍ତ୍ରଣ ବାର୍ତ୍ତା ପ୍ରଚାର କରି ଲୋକମାନଙ୍କୁ ସଚେତନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏଡସ୍ ଓ ଏଚ୍ ଆଇ ଭି ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉପସ୍ଥିତ ରୋଗୀ ମାନଙ୍କୁ ସଚେତନ କରିବା ପାଇଁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସାମାଜିକ ଦୂରତା ଅବଲମ୍ବନ କରାଯାଇ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶ , ଜିଲ୍ଲା ଏଡସ ନିୟନ୍ତ୍ରଣ ଅଧିକାରୀ ଡ. ବିଶ୍ୱ ବିହାରି ମହାନ୍ତି ,ଏଡସ ପ୍ରତିକାର ଓ ନିୟନ୍ତ୍ରଣ ୟୁନିଟ ଅଧିକାରିଣୀ ଡ.ପ୍ରମିଳା ହୋତା, ଏ ଆର ଟି ସେଣ୍ଟରର ସିନିୟର ମେଡିକାଲ ଅଫିସର ଡ.ସାଶ୍ୱତ ସାଗର ମିଶ୍ର, ଜେଏସପିଏଲ(ସି ଏସ ଆର)ଜି ଏମ୍ ପୁଷ୍ପା ଶତପଥି ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ଏଡସ ପ୍ରତିକାର ଓ ନିୟନ୍ତ୍ରଣ ୟୁନିଟର ସୂଚନା ମୁତାବକ ୨୦୧୩-୧୪ରେ ଜିଲ୍ଲାରେ ୧୮୯ ଏଡସ ରୋଗୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ୨୦୧୪-୧୫ରେ ୧୭୦ ଜଣ,୨୦୧୫-୧୬ରେ ୧୪୪ଜଣ,୨୦୧୬-୧୭ରେ ୧୩୧ ଜଣ, ୨୦୧୭-୧୮ରେ ୧୧୫ଜଣ, ୨୦୧୮-୧୯ରେ ୧୩୨ଜଣ, ୨୦୧୯-୨୦ରେ ୧୩୧ଜଣ ଓ ଚଳିତ ବର୍ଷ ଏପ୍ରିଲରୁ ଅକ୍ଟୋବର ମାସ ମଧ୍ୟରେ ୭୪ ଜଣ ଏଡସ ରୋଗୀଙ୍କୁ ଚିହ୍ନଟ କରାଯାଇଛି । ପ୍ରକାଶଥାଉ କି ୨୦୨୦ ମସିହା ଏପ୍ରିଲରୁ ଅକ୍ଟୋବର ମାସ ମଧ୍ୟରେ ୩୫୯୬୭ ଜଣଙ୍କର ରକ୍ତ ପରୀକ୍ଷା କରାଯାଇ ସେମାନଙ୍କ ମଧ୍ୟରୁ ୭୪ ଜଣ ଏଡସରେ ଆକ୍ରାନ୍ତ ବୋଲି ଜଣାପଡିଛି । ସେମାନଙ୍କ ମଧ୍ୟରୁ ୪୬ ଜଣ ପୁରୁଷ,୨୩ ଜଣ ମହିଳା ଓ ୫ଜଣ ଶିଶୁ ଅଛନ୍ତି ।


NACO
OSACS
NATIONAL HEALTH MISSION
JSPL
FOUNDATION
ବିଶ୍ୱ ଏଡ଼ସ ଦିବସ - ୨୦୨୦
WORLD AIDS DAY - 2020
1st DECEMBER 2020, ANGUL
"GLOBAL SOLIDARITY, SHARED RESPONSIBILITY"

